## ସଂକ୍ଷେପରେ

### ୧୦୨ ୟୁନିଟ୍ ରକ୍ତ ସଂଗ୍ରହ

ପରଜଙ୍ଗ,୧୭।୪(ଡି.ଏନ.ଏ.): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ସୋମବାର ପରଜଙ୍ଗ ବ୍ଲକ ପାଣି ପଞ୍ଚାୟତ ଗୃହରେ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ବିଳାସିନୀ ସେଠୀ, ନିରାକାର ପ୍ରଧାନ, ରୁନୁ ବର୍ମା, ଆମ୍ବା ଅଧ୍ୟକ୍ଷ ଅକ୍ଷୟ ବେହେରା, ସରାଙ୍ଗ ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି, ଯୁବସଭାପତି ସୁବ୍ରତ ଦାସଙ୍କ ସମେତ ବହୁ ମହିଳା ଯୋଗଦେଇଥିଲେ। ଅସିତ୍ ରାୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।



# ବାଇପାସ୍ ଛକରେ ଘଣ୍ଟାଏ ରାସ୍ତାରୋକୋ

### ରାଜପଥ ନିର୍ମାଣରେ ବିଳମ୍ବର ପ୍ରତିବାଦ

ଢେଙ୍କାନାଳ ଅଫିସ,୧୭।୪

ଢେଙ୍କାନାଳ ସଂସଦୀୟ କ୍ଷେତ୍ର ମଧ୍ୟଦେଇ ଯାଇଥିବା ୫୫ ଓ ୧୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଅହେତୁକ ବିଳମ୍ବ ହେଉଛି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନ ୮ଟାରୁ ୯ଟା ପର୍ଯ୍ୟନ୍ତ ୧ ଘଣ୍ଟା ଧରି ଢେଙ୍କାନାଳ କଲେଜ ବାଇପାସ୍ ଛକରେ ରାଜପଥ ଅବରୋଧ କରାଯାଇଥିଲା। ଏମ୍‌ପି ମହେଶ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଢେଙ୍କାନାଳ ସଚେତନ ନାଗରିକ ଫୋରମ ସମେତ ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀ, ଅଞ୍ଚଳବାସୀ ସାମିଲ ହୋଇଥିଲେ।

ପ୍ରକାଶ ଯେ, ଢେଙ୍କାନାଳ ଦେଇ ଯାଇଥିବା କଟକ- ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ଓ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିଟିରି ଛକ ଠାରୁ କେନ୍ଦୁଝର ଜିଲାକୁ ସଂଯୋଗ କରୁଥିବା ୧୪୯ ଜାତୀୟ ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବ ଓ ଅବହେଳା କରାଯାଉଛି। ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଏହି ନିର୍ମାଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଦୈନିକ ଦୁର୍ଘଟଣା ଘଟି ଧନ, ଜୀବନ ହାନି ହେଉଛି। ଗତ ଏକବର୍ଷ ମଧ୍ୟରେ ଏହି ରାଜପଥରେ ମୋଟ ୩୪୧ ଜଣଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ୧୨୪୬ ଜଣ ଗୁରୁତର ଆହତ ହୋଇଛନ୍ତି। ଏ ସମ୍ପର୍କରେ ଏମ୍‌ପି ମହେଶ ସାହୁ ୨ଥର ଲୋକ ସଭାରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜପଥ ଓ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ ଅବଗତ କରାଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କେନ୍ଦ୍ର ରାଜପଥ ଓ ପରିବହନ ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଏସବୁ ସତ୍ତ୍ୱେ ରାଜପଥ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଛି। ଏ ନେଇ ଢେଙ୍କାନାଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦୃଷ୍ଟି ଆକର୍ଷଣ ଏବଂ ଆନ୍ଦୋଳନ କରାଯିବା ପରେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଚେତୁନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ ଏମ୍‌ପିଙ୍କ ନେତୃତ୍ୱରେ ଢେଙ୍କାନାଳ କଲେଜ ବାଇପାସ ଛକସ୍ଥିତ ୫୫ ନମ୍ବର ଜାତୀୟ ରାଜପଥକୁ ୧ ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଅଟକି ରହିଥିଲା। ଏହି ରାଜପଥ ଅବରୋଧରେ ଜିଲା ବସ୍ ମାଲିକ ସଂଘ ସଭାପତି ପ୍ରଭାକର ବେହେରା, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ତ୍ରିପାଠୀ, ଢେଙ୍କାନାଳ ସଚେତନ ନାଗରିକ ଫୋରମ ସଭାପତି ସୁରେନ୍ଦ୍ର ମିଶ୍ର, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ଭରତ ଦାସ, ସାମାଜିକ କର୍ମୀ ରାଜ କିଶୋର ବେହେରା, ତିଳୋତ୍ତମା ଚୌଧୁରୀ, ପ୍ରଶାନ୍ତ ଦାସ, ସଦାଶିବ ମହାପାତ୍ର, ସତ୍ୟନାରାୟଣ କର, ଲିୟାକତ ଅଲ୍ଲୀ, ମହେନ୍ଦ୍ର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ରାଉତ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଢେଙ୍କାନାଳ କଲେଜ ବାଇପାସ୍ ଛକଠାରେ ରାଜପଥ ଅବରୋଧ କରାଯାଇଛି।

# ୪୭ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ,୧୭।୪

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଅଭିଯୋଗଗୁଡିକର ଶୁଣାଣି କରି ଏହାର ସମାଧାନ କରିଥିଲେ। ଶିବିରରେ ମୋଟ୍ ୪୭ଟି ଅଭିଯୋଗର ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ରେଡ୍‌କ୍ରସ୍ ସହାୟତା ପାଣ୍ଠିରୁ ଆବେଦନକାରୀମାନଙ୍କୁ ୪୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅଶୋକ କୁମାର ଦାସ, ତହସିଲଦାର ସୁଶାନ୍ତ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜଣେ ବୃଦ୍ଧାଙ୍କୁ ଜିଲାପାଳ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦାବିପତ୍ର

ଢେଙ୍କାନାଳ ଅଫିସ,୧୭।୪

ସମ୍ବଲପୁରଠାରେ ଘଟିଥିବା ହିଂସାକାଣ୍ଡକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ଢେଙ୍କାନାଳ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଢେଙ୍କାନାଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନ ବେଳେ ପ୍ରଶାନ୍ତ କୁମାର ମିଶ୍ର, ରଘୁନାଥ ପଣ୍ଡା, ଅଞ୍ଜନ କୁମାର ହୋତା, ଉମେଶ ଚନ୍ଦ୍ର ରାଉତ, ରତ୍ନଭୂଷଣ ସାହୁ, ଅମୂଲ୍ୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଦେଶର ୩୩ ତମ ସ୍ଥାନରେ ଢେଙ୍କାନାଳ କଲେଜ

### ରାଜ୍ୟରେ ତୃତୀୟରୁ ଖସି ୪ର୍ଥ

ଢେଙ୍କାନାଳ ଅଫିସ,୧୭।୪

ଉନ୍ନତ ଭିତ୍ତିଭୂମି, ଶିକ୍ଷାଦାନରେ ଗୁଣବତ୍ତା, କର୍ମଶାଳା, ପାଠଚକ୍ର, ପରୀକ୍ଷାଫଳ, ପରିବେଶ ଆଦିକୁ ନେଇ ଏଜୁକେଶନ ୱାର୍ଲ୍ଡ ପକ୍ଷରୁ ସର୍ବଭାରତୀୟସ୍ତରରେ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକର ର୍‌ୟାଙ୍କିଙ୍ଗ କରାଯାଇଥିବାବେଳେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଦେଶର ୩୩ ତମ ସ୍ଥାନରେ ରହିଛି। ଏହି ର୍‌ୟାଙ୍କିଙ୍ଗର ୨୨ ତମ ସ୍ଥାନରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଲେଶ୍ୱର, ୨୪ତମ ସ୍ଥାନରେ ଶୈଳବାଳା ମହିଳା ମହାବିଦ୍ୟାଳୟ କଟକ, ୨୬ ତମ ସ୍ଥାନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀ, ୩୩ ତମ ସ୍ଥାନରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ୩୭ ତମ ସ୍ଥାନରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱର ରହିଥିବା ଜଣାପଡିଛି। ତେବେ ରାଜ୍ୟ ର୍‌ୟାଙ୍କିଙ୍ଗରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଗୋଟିଏ ସ୍ଥାନ ତଳକୁ ଖସିଛି। ୨୦୨୨-୨୦୨୩ ଶିକ୍ଷାବର୍ଷରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ୩ୟ ସ୍ଥାନରେ ରହିଥିବା ବେଳେ୨୦୨୩- ୨୦୨୪ ଶିକ୍ଷାବର୍ଷରେ ଏହି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୪ର୍ଥ ସ୍ଥାନ ମିଳିଛି ବୋଲି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ।

# ସ୍କୁଲବସ୍ ଧକ୍କାରେ ପୌର କର୍ମଚାରୀ ମୃତ


ଦୁର୍ଘଟଣା ଘଟାଇଥିବା ବସ୍ ନିକଟରେ ଲୋକଙ୍କ ଗହଳି।

ଢେଙ୍କାନାଳ ଅଫିସ,୧୭।୪

ଢେଙ୍କାନାଳ ସହର ଦେଉଳସାହି ରାମଦାସ ଛକଠାରେ ସୋମବାର ପୂର୍ବାହ୍ନ ୧୧ଟା ୪୫ରେ ଡିପିଏସ୍ ବସ୍ ଧକ୍କାରେ ପୌରପାଳିକା କର୍ମଚାରୀ ସୌଭାଗ୍ୟଲକ୍ଷ୍ମୀ ଦଳେଇ(୨୬)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର କଟକ ଜିଲା ଆଠଗଡ଼ ଥାନା ଅଞ୍ଚଳରେ। ଦୁର୍ଘଟଣା ପରେ ଚାଳକ ମିର୍ଜା ସାଜୁଦ୍ଦିନ ବେଜ ଫେରାର ହୋଇଯାଇଥିବା ବେଳେ ଟାଉନଥାନା ପୋଲିସ ପହଞ୍ଚି ବସ୍ ଜବତ କରିବା ସହ ନଂ. ୨୫୦/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ସୌଭାଗ୍ୟ ଲକ୍ଷ୍ମୀ ପୌରସଂସ୍ଥାର ୮ ନମ୍ବର ମହିଷାପାଟ ଅଞ୍ଚଳରେ ଥିବା ମଳପଙ୍କ ପରିଚାଳନା କେନ୍ଦ୍ରରେ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ୭ ଦିନ ତଳେ ସେ ନିଯୁକ୍ତି ପାଇଥିଲେ। ୮ନଂ. ୱାର୍ଡରୁ କାର୍ଯ୍ୟସାରି ସେ ପୂର୍ବାହ୍ନରେ ସ୍କୁଟି ଯୋଗେ ଫେରୁଥିବା ବେଳେ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ରୁଟ୍ ୪ର ଏକ ବସ୍ (ନଂ. ଓଆର ୦୬ଜି- ୪୩୭୦) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସୌଭାଗ୍ୟଲକ୍ଷ୍ମୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ଓ ଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ସମେତ ପୌର କର୍ମଚାରୀ ଏବଂ କାଉନସିଲରମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସୌଭାଗ୍ୟଲକ୍ଷ୍ମୀଙ୍କ ମୃତ୍ୟୁରେ ପୌର ପରିଷଦ ଓ କାର୍ଯ୍ୟାଳୟ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର କହିଛନ୍ତି, ଦୁର୍ଘଟଣା ଘଟାଇଥିବା ବସ୍‌ର ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଛି। ବସ୍‌ର ଫିଟନେସ ଓ ଅନ୍ୟ କାଗଜପତ୍ର ଠିକ୍ ଅଛି। ପୋଲିସ ରିପୋର୍ଟ ମିଳିବା ପରେ ଦୁର୍ଘଟଣା ସମ୍ପର୍କରେ ଅଧିକ ତଦନ୍ତ କରାଯିବ।

# ଦକ୍ଷତାଭିତ୍ତିକ ଶିକ୍ଷାର ଭୂମିକା ଉପରେ ଗୁରୁତ୍ୱାରୋପ

ଢେଙ୍କାନାଳ ଅଫିସ,୧୭।୪

କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ଭୁବନେଶ୍ୱରସ୍ଥିତ ସି.ଭି.ରମଣ ଗ୍ଲୋବାଲ ୟୁନିଭରସିଟି ପକ୍ଷରୁ ଢେଙ୍କାନାଳ ସହର ସୂର୍ଯ୍ୟମଣ୍ଡପଠାରେ ସୋମବାର ଜି-୨୦ ଜନଭାଗୀଦାରି ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନର ଏକ ଅଂଶ ଭାବରେ ଏକ ଯୁବ ମେଳାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ଆଇଟିଆଇ, ପଲିଟେକ୍‌ନିକ, ଇଞ୍ଜିନିୟରିଂ କଲେଜ ଓ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସି.ଭି. ରମଣ ଗ୍ଲୋବାଲ ୟୁନିଭରସିଟିର କୁଳପତି ପ୍ରଫେସର ସୁଧୀନ୍ଦ୍ର ନାଥ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭବିଷ୍ୟତ ପାଇଁ ଦକ୍ଷତାଭିତ୍ତିକ ଶିକ୍ଷାର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ଉଦ୍ୟୋଗୀ ଉଜ୍ୱାଲ କୁମାର, ଫିଂଟେକ୍ର ସିଇଓ ଏବଂ ସିଇଓ ଶାସ୍ୱତ ନନ୍ଦ, ସିଇଓ ମାଇଁ ଟ୍ରାଡିଓ ଏଲଏଲ୍ପିଙ୍କୁ ସମ୍ମାନିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କୌଶଳ ଦେଖାଇଲେ ଅଗ୍ନିଶମ କର୍ମଚାରୀ

ଢେଙ୍କାନାଳ ଅଫିସ,୧୭।୪

ଢେଙ୍କାନାଳ ଜିଲା ଗଁଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଁଦିଆ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ସୁରକ୍ଷା ସପ୍ତାହ ଅବସରରେ ସୋମବାର ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ନିଆଁ ଲାଗିଲେ କିପରି ନିଜକୁ ଓ ଅନ୍ୟମାନଙ୍କୁ ରକ୍ଷା କରାଯାଇପାରିବ ସେ ନେଇ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରିଥିଲେ। ଗଁଦିଆ ଦମକଳ କେନ୍ଦ୍ର ପକ୍ଷରୁ ଷ୍ଟେଶନ ଅଧିକାରୀ ଦୀନବନ୍ଧୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସୁଶାନ୍ତ ମହାନ୍ତି, ଫାୟାରମ୍ୟାନ ପ୍ରତାପ କୁମାର ଦାଶ, ଶିବବ୍ରତ ମହାନ୍ତି, ଅମିୟ ନାୟକ ପ୍ରମୁଖ ମକ୍‌ଡ୍ରିଲ କରିଥିଲେ। ଗଁଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରୁଦ୍ର ନାରାୟଣ ନାଥ, ଡାଟା ମ୍ୟାନେଜର ମାନସ ହୋତା, ସେକ୍ଟର ସୁପରଭାଇଜର ଶ୍ରୀକାନ୍ତ କୁମାର ସାହୁ, ବିପିନ ବିହାରୀ ସେଠୀ, ପ୍ରିୟମ୍ବଦା ମିଶ୍ର ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।


ଅଗ୍ନିଶମ କର୍ମଚାରୀଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ।

# ଗ୍ରନ୍ଥାଳୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା

ଭୁବନ,୧୭।୪(ଡି.ଏନ.ଏ.)

ରାଜା ରାମମୋହନ ରାୟ ଲାଇବ୍ରେରୀ ପ୍ରତିଷ୍ଠାନ ଆନୁକୂଲ୍ୟରେ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଜାତୀୟ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ଶକୁନ୍ତଳା ବଳିୟାରସିଂ ଉପସ୍ଥିତ ରହି ଲାଇବ୍ରେରୀର ଉପକାରିତା ଓ ଏହାଦ୍ୱାରା ସାଂସ୍କୃତିକ ଜାଗରଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍ତମ୍ଭକାର ସୌମେନ୍ଦ୍ର ଜେନା ସାମ୍ପ୍ରତିକ ପରିସ୍ଥିତିରେ ଗ୍ରନ୍ଥାଳୟର ଆବଶ୍ୟକତା ଓ ଗ୍ରନ୍ଥଗାରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମଠକରଗୋଳା କଲେଜ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ଭାଷାର ଭିନ୍ନତାକୁ ଏକତା ସୂତ୍ରରେ ଗ୍ରନ୍ଥାଳୟ ହିଁ ବାନ୍ଧିପାରିବ ବୋଲି ମତପ୍ରକାଶ କରିଥିଲେ। ନନ୍ଦ କିଶୋର ଧୀର, ପ୍ରମୋଦ ଓଝା ସନ୍ଦର୍ଭ ପାଠ କରିଥିଲେ। ସମାରୋହରେ ଅଧ୍ୟକ୍ଷ ଦିଲୀପ କୁମାର ଦାସ ଯୋଗଦେଇଥିଲେ। କୈଳାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ତିରୋଧାନ ଦିବସରେ ବିଜୁବାବୁଙ୍କ ସ୍ମୃତିଚାରଣ

ଢେଙ୍କାନାଳ ଅଫିସ,୧୭।୪

ବିଜୁ ଜନତା ଦଳ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ସୋମବାର ପାଳିତ ହୋଇଯାଇଛି। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସକାଳ ସାଢେ ୬ଟାରେ ଭାଗୀରଥି ସାଗରଠାରେ ତିଳତର୍ପଣ କରାଯାଇଥିଲା। ପରେ ରାମଧୁନ ଗାନ, ପ୍ରଭାତଫେରୀ, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ସଫେଇ ସହ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନ ସାଢେ ୮ଟାରେ ବିଜେଡି କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଅନ୍ୟତମ ଅତିଥି ଭାବେ ରାଜ୍ୟ ବନ ଉନ୍ନୟନ ନିଗମ ଉପଦେଷ୍ଟା ଦେବୀ ପ୍ରସାଦ ଭୂତିଆ, ପୌରପରିଷଦ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ରମେଶ ସାମଲ, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ସାହୁ, କାଉନସିଲର ଅଭିମନ୍ୟୁ ପଣ୍ଡା, ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବାହ୍ନ ସାଢେ ୯ଟାରେ ଜିଲା ରକ୍ତଭଣ୍ଡାର ଠାରେ ଜିଲା ଜୀବନ ବିନ୍ଦୁ ସଂଯୋଜକ ସୁରଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୫ଟା ୩୦ରେ ବଳରାମ ମନ୍ଦିର ଠାରେ ଦୀପଦାନ କରାଯାଇଥିଲା। ଏଥିସହ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସମୂହ ଶପଥ ନେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଟାଉନ ବିଜେଡି ସଭାପତି ଇନ୍ଦ୍ରମଣି ବେହେରା, କାଉନସିଲର ଲିପିକା ଦାସ, ସନ୍ଦୀପ ଷଡଙ୍ଗୀ, ମହମ୍ମଦ ସାର୍ଗି, ବଂଶୀଧର ଦଳେଇ, ଦୀପ୍ତିରଞ୍ଜନ ସେଠୀ, ମହିଳା ଉପସଭାନେତ୍ରୀ ଉର୍ବସୀ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ଜିଲା ସମ୍ପାଦକ ତିଳୋତ୍ତମା ଚୌଧୁରୀ, ବିଧାୟକଙ୍କ ପ୍ରତିନିଧି ଅଜୟ ଭଞ୍ଜ, ଯୁବନେତା ଶ୍ରୀକାନ୍ତ ଧଳ, ରଞ୍ଜନ ନାୟକ, ରାଜୁ ପାଣ୍ଡେ, ସାଜା ଖାଁ, ବିମଳ ନାୟକ, ୟାକୁବ ଖାଁ, ମଧୁସ୍ମିତା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ସାହୁ, ପ୍ରଦୀପ ସାହୁ, ସୁଶୀଲ କୁମାର ସାହୁ, ଜ୍ୟୋତ୍ସ୍ନାରାଣୀ ମଣ୍ଡଳ, ବିଷ୍ଣୁ କର ପ୍ରମୁଖ ଉପସ୍ଥିତ ଥିଲା। ଟାଉନ ଯୁବ ବିଜେଡି ସଭାପତି ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବିଜୁବାବୁଙ୍କ ସ୍ମୃତିଚାରଣ ସଭାରେ ବିଜେଡି କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ୪୩ ଡିଗ୍ରୀ ଟପିଲା ତାତି

**ଅନୁଗୋଳ ଅଫିସ, ୧୭।୪:** ଅନୁଗୋଳରେ ତାତି ରେକର୍ଡ ଭାଙ୍ଗିଛି। କିଛିଦିନ ହେଲା ଜିଲାରେ ତାପମାତ୍ରା ବଢ଼ିଚାଲିଥିବା ବେଳେ ସୋମବାର ସହରର ତାପମାତ୍ରା ୪୩ ଡିଗ୍ରୀ ଡେଇଁ ଯାଇଥିବା ସୂଚନା ମିଳିଛି। ସକାଳୁ ସହରରେ ମୁଣ୍ଡଫଟା ଖରା ସାଙ୍ଗକୁ ଆକାଶରୁ ଯେପରି ଅଗ୍ନିବର୍ଷା ହେବାପରି ଲୋକେ ଅନୁଭବ କରିଥିଲେ। ଏଥିସହ ଝାଞ୍ଜି ପବନରେ ସହରବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ମଧ୍ୟାହ୍ନରେ ତାପମାତ୍ରା ୪୩.୧ ଡିଗ୍ରୀରେ ପହଞ୍ଚିବା ସହ ସହର ଯେପରି ତତଲା କଡ଼େଇରେ ପରିଣତ ହୋଇଥିଲା। ରାସ୍ତା ଯେପରି ଜନଶୂନ୍ୟ ହୋଇଯିବା ପରି ଦୃଶ୍ୟମାନ ହୋଇଥିଲା। ତେବେ ଦିନକୁ ଦିନ ଅନୁଗୋଳରେ ତାତି ବଢୁଥିବାବେଳେ ଲୋକମାନଙ୍କୁ ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅତି ଅବ୍ୟାବଶକ କାର୍ଯ୍ୟ ନ ଥିଲେ ଟାଣ ଖରାରେ ଘରୁ ବାହାରକୁ ନ ଆସିବାକୁ ପରାମର୍ଶ ଦିଆଯାଇଛି।

### କୋଇଲା ଚୋରି, ୨ ଗିରଫ

**କଣିହାଁ,୧୭।୪(ଡି.ଏନ.ଏ.):** କଣିହାଁ ଥାନା ପୋଲିସ ସୋମବାର ଚୋରା କୋଇଲା ଚାଲାଣ ଅଭିଯୋଗରେ ୨ ଜଣକୁ ଗିରଫ କରିଛି। ସେମାନେ ହେଲେ ରାମଚନ୍ଦ୍ର ପ୍ରଧାନ ଓ ହାଡ଼ିବନ୍ଧୁ ଗଡ଼ନାୟକ। ଉଭୟେ ବାଇକ୍ ଯୋଗେ କଣିହାଁ ଖଣିରୁ କୋଇଲା ଚୋରି କରି ନେଉଥିବା ସମୟରେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ଏ ନେଇ ଥାନାରେ ନଂ. ୭୩/୨୩ରେ ମାମଲା ରୁଜୁ ହୋଇଛି।

# ଅସନ୍ତୁଷ୍ଟ ହେଲେଣି ଅଭିଭାବକ

- ସମସ୍ୟାରେ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟ
- ଦୀର୍ଘଦିନ ହେଲା ଖାଲିପଡ଼ିଛି ୪ ଶିକ୍ଷକ ପଦବୀ
- ତୁରନ୍ତ ପଦକ୍ଷେପ ନିଆ ନ ଗଲେ କରାଯିବ ଆନ୍ଦୋଳନ



**ବଇଣ୍ଡା, ୧୭।୪ (ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡରେ ଥିବା ହାଇସ୍କୁଲଗୁଡ଼ିକ ମଧ୍ୟରୁ ସର୍ବାଧିକ ଛାତ୍ରୀଛାତ୍ର ଏଠାରେ ପଢୁଛନ୍ତି। ହଷ୍ଟେଲ ସୁବିଧା ଥିବାରୁ ଜିଲା ବାହାରର ଛାତ୍ରୀମାନେ ଏହି ବିଦ୍ୟାଳୟରେ ପଢ଼ିବାକୁ ଆଗ୍ରହ ଦେଖାଉଛନ୍ତି। ହେଲେ ଶିକ୍ଷକ ଅଭାବ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟ ପାଇଁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ବାରମ୍ବାର ପ୍ରଶାସନକୁ ଅବଗତ କରାଯିବା ସତ୍ତ୍ୱେ ଏହି ପୁରାତନ ଶିକ୍ଷାନୁଷ୍ଠାନ ପ୍ରତି ଅବହେଳା କରାଯାଉଥିବାରୁ ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ପାଇକସାହି ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରର ଏକ ନକଲ ଜିଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ତୁରନ୍ତ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ୧୯୭୬ ମସିହାରେ ସେମାନେ ଏହି ବିଦ୍ୟାଳୟ ସ୍ଥାପନ କରିଥିଲେ। ଏଠାରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢାଯାଉଥିବା ବେଳେ ବର୍ତ୍ତମାନ ୪୮୯ ଛାତ୍ରୀଛାତ୍ର ପଢୁଛନ୍ତି। ହେଲେ ଦୀର୍ଘଦିନ ହେବ କଳାର ୩ ଜଣ ଓ ବିଜ୍ଞାନର ଜଣେ ଶିକ୍ଷକ ପଦବୀ ଖାଲିପଡିଛି। ଏଥିସହ ଏକ ପିଅନ ପଦବୀ ମଧ୍ୟ ପୂରଣ କରାଯାଉ ନାହିଁ। ଏତେ ସଂଖ୍ୟକ ଶିକ୍ଷକ ଖାଲି ପଡିଥିବା ଯୋଗୁ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ବିଦ୍ୟାଳୟରେ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ପକ୍ଷରୁ ଛାତ୍ରୀ ନିବାସ ଥିବା ଯୋଗୁ ଜିଲା ଓ ଜିଲା ବାହାରୁ ଅନେକ ଛାତ୍ରୀ ଆସି ଏଠାରେ ରହି ପଢୁଛନ୍ତି। କିନ୍ତୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶିକ୍ଷକ ପଦବୀ ପୂରଣ କରାଯାଉ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସେହିପରି ଆବଶ୍ୟକ ଶୌଚାଳୟ ଥିଲେ ମଧ୍ୟ ସେଗୁଡିକର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବହୁବାର ଜିଲାଶିକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ କହିଛନ୍ତି, ଶିକ୍ଷକ ଅଭାବ ସମସ୍ୟା ସମ୍ପର୍କରେ ପୂର୍ବରୁ ଶିକ୍ଷା କମିଟି ସହ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ତୁରନ୍ତ ପଦକ୍ଷେପ ନିଆଯାଉ।

#### ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନାହିଁ



ଶିକ୍ଷକ ଅଭାବ ଥିବାରୁ ପାଠପଢ଼ାରେ ବହୁ ସମସ୍ୟା ହେଉଛି। ପୁରାତନ ବିଦ୍ୟାଳୟ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ପ୍ରାୟ ୫ଶହ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି।

-ଦିଲୀପ କୁମାର ପ୍ରଧାନ, ପୁରାତନ ଛାତ୍ର

#### ତୁରନ୍ତ ପ୍ରଶାସନ ଧ୍ୟାନ ଦେଉ



ପାଇକସାହି ହାଇସ୍କୁଲ ଏ ଅଞ୍ଚଳର ପୁରାତନ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଶିକ୍ଷକ ଅଭାବ ସମସ୍ୟା ଦୂର କରାଯାଉ ନାହିଁ। ଜିଲା ତଥା ଜିଲା ବାହାର ଅଞ୍ଚଳରୁ ଛାତ୍ରୀମାନେ ଏଠାରେ ରହି ପଢୁଥିବାରୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ।

-ପହଲି ପ୍ରଧାନ, ଆମ୍ବନାଳୀ

#### ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି



ପାଇକସାହି ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବେଶ୍ ଅଧିକ। ଶିକ୍ଷାଦାନରେ ସୁବିଧା ପାଇଁ ସେକ୍ସନମାନ କରାଯାଇଛି। ହେଲେ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି।

-ନିରୋଜକାନ୍ତ ସାହୁ, ସରପଞ୍ଚ

#### ପୁରାତନ ବିଦ୍ୟାଳୟକୁ ଉପେକ୍ଷା



ପୁରାତନ ବିଦ୍ୟାଳୟକୁ ପ୍ରଶାସନ ପକ୍ଷରୁ ଉପେକ୍ଷା କରାଯାଉଛି। ଏହି ବିଦ୍ୟାଳୟରେ ଏବେ ଅନେକ ସମସ୍ୟା ଲାଗିରହିଛି। ସେଗୁଡିକ ସମାଧାନ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ତୁରନ୍ତ ଶିକ୍ଷକ ଯୋଗାଇ ଦିଆଯାଉ।

-ପ୍ରତାପ କୁମାର ପ୍ରଧାନ

### ଆକ୍ରମଣ ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୧୭।୪**

ଅନୁଗୋଳ ସଦର ଥାନା ରନ୍ତଲେଇ ଅଞ୍ଚଳରେ ପପୁ ସେନାପତିଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ନୂଆମୌଜା ଅଞ୍ଚଳର ଲାଲା ଓରଫ ଦେବାଶିଷ ବେହେରା(୨୩)ଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ନଂ. ୧୯୬/୨୩ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ପୋଲିସ କହିଛି, ପପୁ ରବିବାର ରାତିରେ ଦୋକାନ ବନ୍ଦ କରି ଫେରୁଥିବା ସମୟରେ ଲାଲା ତାଙ୍କୁ କଟୁରିରେ ଆକ୍ରମଣ ଉଦ୍ୟମ କରିଥିଲେ।

### ଗଣ୍ଡଗୋଳ କରି ୨ ଗିରଫ

**ଅନୁଗୋଳ ଅଫିସ, ୧୭।୪**

ଅନୁଗୋଳ ସଦର ଥାନା କରଡ଼ାଗାଡ଼ିଆ ଅଞ୍ଚଳରେ ଗଣ୍ଡଗୋଳ ଘଟଣାରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା ରାସୋଳ ବେଡ଼ପଡ଼ା ଗ୍ରାମର ବିଶ୍ୱଜିତ୍ ସାମଲ(୨୮) ଓ ବିଷ୍ଣୁ ଚରଣ ସାମଲ(୩୪) ବୋଲି ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପୋଲିସ କହିଛି, କରଡ଼ାଗାଡ଼ିଆ ଅଞ୍ଚଳର କ୍ଷୀରୋଦ ନଳିନୀ ଦେହୁରୀଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୧୯୭/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଜମିବାଡ଼ି ବିବାଦ ପାଇଁ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ବିଶ୍ୱଜିତ୍ ଓ ବିଷ୍ଣୁ ଚରଣଙ୍କ ସହ ଅନ୍ୟଜଣେ ମହିଳା ନଳିନୀଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ଆନ୍ଦୋଳନକୁ ଓହ୍ଲାଇଲା ଏମ୍ପ୍ଲୋଇଜ୍ ସଂଘ

**ବଣ୍ଟାଁରପାଳ,୧୭।୪(ଡି.ଏନ.ଏ.)**

ବିଭିନ୍ନ ଦାବିରେ ନାଲ୍କୋ ସ୍ମେଲଟର ପ୍ଲାଣ୍ଟର ଅଗ୍ରଣୀ ଶ୍ରମିକ ସଙ୍ଗଠନ ନାଲ୍କୋ ଏମ୍ପ୍ଲୋଇଜ୍ ସଂଘର କର୍ମକର୍ତ୍ତାମାନେ ସୋମବାର ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। କର୍ମକର୍ତ୍ତାମାନେ ପୂର୍ବରୁ ବକେୟା ଥିବା ପିଆରପି/ଇନ୍‌ସେନଟିଭ ସମ୍ବନ୍ଧୀୟ ପାଉଣା ଦାବିରେ ନାଲ୍କୋ ଏସ୍‌ଆଣ୍ଡପି କମ୍ପ୍ଲକ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରାପ୍ୟ ମିଳିପାରି ନାହିଁ। ଏହାର ପ୍ରତିବାଦରେ ସଂଘର ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲଙ୍କ ନେତୃତ୍ୱରେ ୫୦ରୁ ଅଧିକ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନାଲ୍କୋ ନିର୍ଦ୍ଦେଶକ (ମାନବ ସମ୍ବଳ)ଙ୍କ ନିକଟରୁ ସମାଧାନର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସଂଘ ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ, ପ୍ରକାଶ ବେହେରା, ବିଜନ ଦଳବେହେରା, ରଞ୍ଜିତ ସାହୁ, ମଳୟ ସ୍ୱାଇଁ, ବସନ୍ତ ନାୟକ, ମନୋଜ ସ୍ୱାଇଁ, ସୁଧାଂଶୁ ମିଶ୍ର, ପ୍ରମୋଦ ପରିଡା, ଅଜିତ ଦାସ, ଦିଲ୍ଲୀପ ସାହୁ, କୁନା ବେହେରା, ଶୁଭେନ୍ଦୁ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।




ଆନ୍ଦୋଳନ କରୁଥିବା ସଂଘ କର୍ମକର୍ତ୍ତାମାନେ।

## ସାରେଗାମା ପକ୍ଷରୁ ବିଷୁବ ମିଳନ

**ବଣ୍ଟାଁରପାଳ,୧୭।୪ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍କୋନଗରସ୍ଥିତ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ସାରେଗାମା ପକ୍ଷରୁ ବିଷୁବ ମିଳନ ଉତ୍ସବ ଆର୍ଯ୍ୟବ୍ରତ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଲ୍କୋ ନିର୍ବାହୀ ନିର୍ଦ୍ଦେଶକ ଭୀମସେନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଜିଏମ୍ ସମୂହ କଲ୍ଲୋଳ ବିକାଶ ସ୍ୱାଇଁ, ତପନ ପଟ୍ଟନାୟକ, ଦେବାଶିଷ ଚାଟାର୍ଜୀ, ଉପଦେଷ୍ଟା ତଥା ପ୍ରାକ୍ତନ ଜିଏମ୍ ପ୍ରଦୋଶ କୁମାର ମହାନ୍ତି ଯୋଗ ଦେଇଥିଲେ। ଆସନ୍ତା ୨୦୨୩-୨୪ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସପ୍ତାହ ବ୍ୟାପୀ ଉତ୍ସବ ପାଳନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଷ୍ଣା ପଟ୍ଟନାୟକଙ୍କ ପ୍ରସ୍ତୁତ ଏକ ବିରାଟ ପଟ୍ଟଚିତ୍ର ଅନୁଷ୍ଠାନକୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପୂଜ୍ୟପୂଜା ପରମ୍ପରା ଅନୁଯାୟୀ ଭୀମସେନ ପ୍ରଧାନ, ସୁଧୀର ରଞ୍ଜନ ପଟ୍ଟନାୟକ, ମଣିପ୍ରସାଦ ସାମଲ, ଦେବେଶ ଧଳ ଓ ପ୍ରଦୀପ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କିଶୋର ବେହେରା ମଞ୍ଚ ପରିଚାଳନା କରିଥିଲେ। ଦେବାଶିଷ ମିଶ୍ର ଧନ୍ୟବାଦ ଦେଇଥିଲେ। ସାରେଗାମା ପରିବାର ସଦସ୍ୟଙ୍କ ଦ୍ୱାରା ନାଟକ 'ପ୍ରେମ ଏକ ଭୁଲ୍ ଶବ୍ଦ' ପରିବେଷଣ କରାଯାଇଥିଲା। ଶ୍ରେଷ୍ଠ କଳାକାର ଭାବେ ମିସ୍ ସାଲିନୀ ସାହୁ ଓ ଶ୍ରେଷ୍ଠ ନବାଗତ କଳାକାର ଭାବେ ପ୍ରମୋଦ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା। ସୁରେନ୍ଦ୍ର ମଲ୍ଲିକ, ରମେଶ ସାହୁ, ଅଜୟ ମହାରଣା, ବୈରାଗୀ ମଲ୍ଲିକ, ଦେବେଶ ଧଳ, ପ୍ରଦୀପ ସାହୁ, ହରି ନାଥ, ଦୀପକ ସାମଲ, ସୁକାନ୍ତ ନାୟକ, ପ୍ରଶାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଏକ ପଟ୍ଟଚିତ୍ର ଅନୁଷ୍ଠାନକୁ ପ୍ରଦାନ କରାଯାଉଛି।

## ପାନୀୟ ଜଳ ଯୋଗାଣ ଦାବି

**ପରଜଙ୍ଗ,୧୭।୪(ଡି.ଏନ.ଏ.)**

ପାନୀୟ ଜଳ ଯୋଗାଣ ଦାବିରେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତବାସୀ ସୋମବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ପଞ୍ଚାୟତର ୪ ଓ ୫ ନମ୍ବର ୱାର୍ଡର ବସ୍ତି ବାସିନ୍ଦା ୨ମାସରୁ ଊର୍ଦ୍ଧ୍ୱ ହେବ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି। ଏ ନେଇ ପଞ୍ଚାୟତ ଜନପ୍ରତିନିଧିଠାରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବସୁଧା ଯୋଜନାରେ ନିର୍ମିତ ପାଣି ଟାଙ୍କିରୁ ଅନ୍ୟତ୍ର ସାହିଙ୍କୁ ପାଣି ଯାଉଥିବାବେଳେ ଏହି ୨ ୱାର୍ଡବାସୀ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ବସ୍ତି ବାସିନ୍ଦା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିବେ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



ପ୍ରଶାସନ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ସାହିବାସୀ।

## ୩୦ ଅଭିଯୋଗ ଶୁଣିଲେ ଜିଲାପାଳ

**ଅନୁଗୋଳ ଅଫିସ,୧୭।୪**

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ଅଫିସଠାରେ ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦାଖଲ ହୋଇଥିବା ସମୁଦାୟ ୩୦ଟି ଅଭିଯୋଗରୁ ୨୫ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୩୦ ଅଭିଯୋଗରୁ ୯ଟି ଅଭିଯୋଗର ଫଇସଲା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ, ଡେପୁଟି କଲେକ୍ଟର ମିନର୍ଭା ନାୟକ, ସତ୍ୟାନନ୍ଦ ଦାସ, ବଣ୍ଟାଁରପାଳ ବିଡିଓ ଏଲିଜା ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




## ରାଜପଥ କାର୍ଯ୍ୟ ସାରିବାକୁ ଦାବି, ଆନ୍ଦୋଳନ



**ଅନୁଗୋଳ ଅଫିସ, ୧୭।୪**

ଅନୁଗୋଳ ଜିଲା ଦେଇ ଯାଇଥିବା ରାଜପଥ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ନେତୃତ୍ୱରେ ସୋମବାର ୫୩ନଂ., ୫୫ ଓ ୧୫୩ ନଂ. ଜାତୀୟ ରାଜପଥ ଗୁଡିକୁ ୧ ଘଣ୍ଟିଆ ଅବରୋଧ କରାଯାଇଥିଲା। ଅନୁଗୋଳସ୍ଥିତ ହୁଲୁରସିଂହା ଓ ବଣ୍ଟାଁରପାଳ ବ୍ଲକ ଛକଠାରେ ସକାଳ ୮ଟାରୁ ୯ଟା ଯାଏ ଗଣଧାରଣା ଦିଆଯାଇଥିଲା। ଏହି ଆନ୍ଦୋଳନରେ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ, ଏମ୍‌ପିଙ୍କ ବଣ୍ଟାଁରପାଳ ପ୍ରତିନିଧି ନରେଶ ଚନ୍ଦ୍ର ବେହେରା, ପୂର୍ବତନ ନଗରପାଳ ତଥା କାଉନସିଲର ସୁକାନ୍ତୀ ଦାସ, ବନ୍ଧା ସମିତିସଭ୍ୟ ଦୁଷ୍ମନ୍ତ ଗଡନାୟକ, ବିଜୁ ମହିଳା ଜନତା ଦଳ ଜିଲା ସାଧାରଣ ସମ୍ପାଦିକା ମମତା ପ୍ରଧାନ, ବିଜୁ ଯୁବ ଜନତା ଦଳର ଜିଲା ଉପ ସଭାପତି ତଥା କାଉନସିଲର ବଳରାମ ଜେନା, ବିଜୁ ଯୁବ ଜନତା ଦଳର ଜିଲା ଉପ ସଭାପତି ପ୍ରକାଶ ଚନ୍ଦ୍ର ଭୋଇ ଓ କିଶୋର କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ସୁଧୀର କୁମାର ନାଏକ, ରାଜେଶ ମିଶ୍ର ଓ ସଞ୍ଜୀବ ସାହୁ, ଜିଲା ଆଇଟି କୋଅର୍ଡିନେଟର ସୁନୀତା ନାଏକ, ଡିଜିଟାଲ ସମ୍ପାଦକ ଚିନ୍ମୟ କୁମାର ସାହୁ, ଜିଲା ସମ୍ପାଦକ ଜିତେନ୍ଦ୍ର ନାଏକ, ସୌରଭ କୁମାର ବେହେରା ଓ ଅମିତ କୁମାର ବିଶ୍ୱାଳ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ପାଲଶର୍ମା, ଯୁବନେତା ପ୍ରଶାନ୍ତ ଦେହୁରୀ, ଚଉବନ ସାହୁ ଓ ଜିଲା ଛାତ୍ର ବିଜେଡି ସମ୍ପାଦକ ରାହୁଲ ମହାପାତ୍ର, ଅନୁଗୋଳର ବରିଷ୍ଠ ନାଗରିକ, ବୁଦ୍ଧିଜିବୀମାନେ ସାମିଲ ହୋଇଥିଲେ। ସେହିପରି ପାଲଲହଡା ଉପଖଣ୍ଡ ୧୪୯ ନମ୍ବର ଜାତୀୟ ରାଜପଥର ବାଇପାସ ଛକଠାରେ ଏମ୍‌ପିଙ୍କ ପ୍ରତିନିଧି ଅଜିତ ବେହେରାଙ୍କ ପୌରୋହିତ୍ୟରେ ରାସ୍ତାରୋକୋ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ଲଳିତ ମୋହନ ପ୍ରଧାନ, ସଞ୍ଜୀବ ବେହେରା, ପ୍ରଦୀପ ପ୍ରଧାନଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ।

## ନୂତନ ଶ୍ରେଣୀ କକ୍ଷ ଉଦ୍‌ଘାଟିତ

**କଣିହାଁ,୧୭।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସ ବିଦ୍ୟୁତ୍ ପ୍ରକଳ୍ପ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ଯୋଜନାରେ କଣିହାଁ ପଞ୍ଚାୟତ ଟୋଲକବେଡା ହଟିଙ୍ଗ ବିଦ୍ୟାଳୟର ଏକ ଅତିରିକ୍ତ ଶ୍ରେଣୀ ଗୃହକୁ ପ୍ରକଳ୍ପ ମହାନିର୍ଦ୍ଦେଶକ କେ.ଏସ. ସୁନ୍ଦରମ ସୋମବାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସେନାପତି ପରିଚାଳନା କରିଥିବାବେଳେ ଅନ୍ୟତମ ଅତିଥି ଭାବେ କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ଏନଟିପିସି ଜିଏମ ପ୍ରଜେକ୍ଟ ଆର.ଏନ ଦାସ, ଅଶୋକ କୁମାର ସେହଗଲ, ଏଜିଏମ ଏଚ୍‌ଆର୍ ବି.କେ. ପାଣ୍ଡେ ଓ ଅନ୍ୟ ପଦାଧିକାରୀ ଯୋଗଦାନ କରିଥିଲେ। ଏହି ନୂଆ ଶ୍ରେଣୀକକ୍ଷ ଛାତ୍ରୀଛାତ୍ରଙ୍କ ଉନ୍ନତିରେ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ନିରୁପମା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ଅଭିଭାବକ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।



## ଗୀତା ଆଶ୍ରମରେ ଅଷ୍ଟପ୍ରହର ନାମଯଜ୍ଞ

**ଅନୁଗୋଳ ଅଫିସ, ୧୭।୪**

ଅନୁଗୋଳ ସହର ଉପକଣ୍ଠ କୁମଣ୍ଡ କାଞ୍ଚନଗିରି ଗୀତା ଆଶ୍ରମ ଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧମଣି ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଆଶ୍ରମରେ ୫ଟି ମହିଳା ସଂକୀର୍ତ୍ତନ ମଣ୍ଡଳୀକୁ ମିଶାଇ ମୋଟ ୩୦ଟି ଦଳ ନାମଯଜ୍ଞରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତାମଡାର ପୂର୍ବତନ ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଆଶ୍ରମ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।



ନାମଯଜ୍ଞରେ ଭାଗ ନେଇଥିବା ସଂକୀର୍ତ୍ତନ ଦଳ।

### କୋଇଲା ଜବତ, ଚାଳକ ଗିରଫ

**ଛେଣ୍ଡିପଦା,୧୭।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶାଶିଙ୍ଖାଞ୍ଚଳ ଥାନା ପୋଲିସ ଗତ ରବିବାର ରାତିରେ ଗୋଳାଗାଡିଆ ଜଙ୍ଗଲଠାରେ ଚଢାଉ କରି ଏକ ୪୦୭ ଟ୍ରକ୍‌ରୁ ୫ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ କରିଛି। ଏହି ଘଟଣାରେ ଟ୍ରକ୍ ଚାଳକ ଅନୁଗୋଳ ଜିଲା ଜରପଡା ଥାନା କୋରଡା ଗ୍ରାମ ପଥୁରୀସାହିର ସାଗର ସେଠୀ(୩୫)ଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ନିଶା ଶିଙ୍ଖାଞ୍ଚଳ ଦେଇ ଚୋରା କୋଇଲା ଚାଲାଣ ହେଉଥିବା ଖବର ମିଳିଥିଲା। ଏହାପରେ ପୋଲିସ ଟିମ୍ ଉକ୍ତ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏ ନେଇ ନିଶା ଥାନାରେ ନଂ. ୩୪/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ମନ୍ଦିର ସଫେଇ, ରକ୍ତଦାନ ଶିବିର

**ଛେଣ୍ଡିପଦା, ୧୭।୪(ସ୍ୱ.ପ୍ର.)**



ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଛେଣ୍ଡିପଦା ବ୍ଲକ ବିଜେଡି ପକ୍ଷରୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କରାଯିବା ସହ ରକ୍ତଦାନ ଶିବିର, ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ସଭାପତି ସତ୍ୟବ୍ରତ ଦେହୁରୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ବ୍ଲକ ସଭାପତି ଶରତ କୁମାର ଗଡନୟକ, ମହିଳା ବିଜେଡି ସଭାପତି ତୃପ୍ତି ମଞ୍ଜରୀ ସାହୁ, ଛାତ୍ର ବିଜେଡି ସଭାପତି ବିଷ୍ଣୁଚରଣ ବେହେରା ଯୋଗଦେଇ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରିବା ସହିତ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହା ପରେ ଟାଙ୍ଗୁଡ଼ିଆ ପଞ୍ଚାୟତରେ ଆୟୋଜିତ ରକ୍ତ ଦାନ ଶିବିରରେ ୩୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଉପସ୍ଥିତ ରହି ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଅପରାହ୍ନରେ କୋଶଳାର ମା' ରାମଚଣ୍ଡୀ ଓ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ଦୀପଦାନ କରାଯାଇଥିଲା। ଏହାପରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରିବା ପାଇଁ ଶପଥ ନିଆଯାଇଥିଲା। ଏହି କର୍ଯ୍ୟକ୍ରମରେ ବରିଷ୍ଠ ନେତା ଖଗପତି ପ୍ରଧାନ, ସାରଥୀ ସାହୁ, କମ୍ପସଲା ସରପଞ୍ଚ ବାବୁଲି ପ୍ରଧାନ, ପୂର୍ବତନ ସରପଞ୍ଚ ନନ୍ଦିନୀ ସାହୁ, ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, କଣଲୋଇ ସରପଞ୍ଚ ଜନ୍ମେଜୟ ମାଝି, ମାଛକୁଟା ସରପଞ୍ଚ ମନୋଜ କୁମାର ସେଠୀ, ବରସାହି ପୂର୍ବତନ ସରପଞ୍ଚ ବିଜୟ କୁମାର ଗଡନାୟକ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇ ଥିଲେ।

